بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୧ ଡ଼ିସେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ଼ରତ ଅଲୀ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବିଗତ ଖୁତ୍‌ବାରୁ ହଜ଼ରତ ଅଲୀ ବିନ୍ ଅବୁ ତାଲିବ୍ ର.ଅଙ୍କ ଚର୍ଚ୍ଚା ଚାଲିଛି । ସେହି କ୍ରମରେ ଆଜି ହଜ଼ରତ ଅଲୀ ର.ଅଙ୍କ ଅନ୍ୟ ଘଟଣା ସଂପର୍କରେ ବର୍ଣ୍ଣନା କରିବି । ଓହୋଦ୍ ଯୁଦ୍ଧ ଅବସରରେ ଯେତେବେଳେ ହଜ଼ରତ ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ବୀରଗତି ପ୍ରାପ୍ତ କଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ହଜ଼ରତ ଅଲୀ ର.ଅଙ୍କୁ ଧ୍ୱଜା ହସ୍ତାନ୍ତର କରିଥିଲେ । ଅତଏବ ହଜ଼ରତ ଅଲୀ ଓ ଅନ୍ୟ ମୁସଲମାନମାନେ ଯୁଦ୍ଧ ଲଢିଥିଲେ ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଓହୋଦ୍ ଯୁଦ୍ଧ ଅବସରରେ ଅବିଶ୍ୱାସକାରୀଙ୍କର ଧ୍ୱଜାଧାରୀ ତଲ୍‌ହା ବିନ୍ ଅବୁ ତଲ୍‌ହା ହଜ଼ରତ ଅଲୀ ର.ଅଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଦେଲା । ହଜ଼ରତ ଅଲୀ ର.ଅ ଆଗକୁ ବଢି ଏପରି ଆକ୍ରମଣ କଲେ କି ସେ ଭୂମି ଉପରେ ପଡ଼ି ଛଟପଟ ହେବାକୁ ଲାଗିଲା । ହଜ଼ରତ ଅଲୀ ର.ଅ ଗୋଟିଏ ପରେ ଗୋଟିଏ ଅବିଶ୍ୱାସକାରୀଙ୍କର ସ୍କନ୍ଧଚ୍ୟୁତ କଲେ ଏବଂ ସେମାନଙ୍କୁ ବିକ୍ଷିପ୍ତ କରିଦେଲେ । ହଜ଼ରତ ଅଲୀ ର.ଅ ଶୋବା ବିନ୍ ମାଲିକ୍‌କୁ ଯେତେବେଳେ ବଧ କଲେ ସେତେବେଳେ ଜିବ୍ରିଲ୍ ଅ.ସ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ନିଃସନ୍ଦେହ ଅଲୀ ର.ଅ ସହାନୁଭୂତି ଯୋଗ୍ୟ ଅଟନ୍ତି । ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ କହିଲେ କି ହଁ ଅଲୀ ର.ଅ ମୋ ସହିତ ସଂପର୍କିତ ଏବଂ ମୁଁ ଅଲୀ ର.ଅଙ୍କ ସହିତ ସଂପର୍କିତ ଅଟେ । ଜିବ୍ରାଇଲ୍ ଅ.ସ କହିଲେ ମୁଁ ଆପଣ ଦୁହିଁଙ୍କ ମଧ୍ୟରୁ ଅଟେ। ହଜ଼ରତ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ଓହୋଦ୍ ଯୁଦ୍ଧରେ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ନିକଟରୁ ଲୋକମାନେ ହଟିଗଲେ ସେତେବେଳେ ମୁଁ ଶୋହଦାମାନଙ୍କର ଶବ ମଧ୍ୟରେ ଆଁହଜ଼ରତ ସ.ଅଙ୍କୁ ଖୋଜିବାକୁ ଆରମ୍ଭ କଲି, ତେବେ ମୁଁ ଆଁହଜ଼ରତ ସ.ଅଙ୍କୁ ପାଇଲି ନାହିଁ । ସେତେବେଳେ ମୁଁ କହିଲି କି ଅଲ୍ଲାଃତାଲାଙ୍କ ଶପଥ କରି କହୁଛି କି ନା ଆଁହଜ଼ରତ ସ.ଅ ପଳାୟନ କରି ଥାଆନ୍ତେ ଓ ନା ହିଁ ମୁଁ ଆଁହଜ଼ରତ ସ.ଅଙ୍କୁ ଶୋହଦାଙ୍କ ମଧ୍ୟରେ ପାଇଲି । କିନ୍ତୁ ଅଲ୍ଲାଃତାଲା ଆମ ଉପରେ ବିରକ୍ତିଭାବ ପ୍ରକାଶ କଲେ ଏବଂ ସେ ଆମ ନବୀଙ୍କୁ ଏହି ସଂସାରରୁ ଉଠାଇ ନେଲେ। ଅତଏବ ବର୍ତ୍ତମାନ ମୋ ପାଇଁ ଏହା ଉଚିତ ହେବ କି ମୁଁ ଲଢିବି ଏପର୍ଯ୍ୟନ୍ତ କି ମୋତେ ନିହତ କରି ଦିଆଯାଉ । ଏହାପରେ ମୁଁ ନିଜ ଖଡ଼୍‌ଗ ଖୋଳ (ମିଆନ୍)ରୁ ଖଡ଼୍‌ଗ ବାହାର କଲି ଏବଂ ମିଆନ୍‌କୁ ଭାଙ୍ଗିଦେଲି ଏବଂ ଅବିଶ୍ୱାସକାରୀଙ୍କ ଉପରେ ଆକ୍ରମଣ କଲି । ଯଦ୍ୱାରା ସେମାନେ ଏଣେତେଣେ ବିକ୍ଷିପ୍ତ ହୋଇଗଲେ । ଏହାପରେ ମୁଁ ଆଁହଜ଼ରତ ସ.ଅଙ୍କୁ ସେମାନଙ୍କ ମଧ୍ୟରେ ଦେଖିବାକୁ ପାଇଲି ଯେ, ଆଁହଜ଼ରତ ସ.ଅ ସେମାନଙ୍କ ମଧ୍ୟରେ ବିରାଜମାନ ଅଛନ୍ତି । ହୁଜୁରେ ଅନୱର୍ ଅ.ବ କହିଲେ: ଏହା ପ୍ରେମ ଏବଂ ବିଶ୍ୱସ୍ତତାର ସେହି ଚିର ସ୍ମରଣୀୟ କାହାଣୀ ଯାହା ବାଲ୍ୟ କାଳରୁ ଆରମ୍ଭ ହେଲା ଏବଂ ପ୍ରତ୍ୟେକ ଅବସରରେ ନିଜର ସ୍ୱଷ୍ଟ ଦର୍ଶନ ପରିପ୍ରକାଶ କରିଥିଲା। ହଜ଼ରତ ସହଲ୍ ବିନ୍ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ଓହୋଦ୍ ଯୁଦ୍ଧ ଅବସରରେ ଯେଉଁ ଆଘାତ ଲାଗିଥିଲା ଉକ୍ତ ଆଘାତକୁ ହଜ଼ରତ ଫାତିମା ର.ଅ ଧୋଉଥିଲେ ଏବଂ ହଜ଼ରତ ଅଲୀ ର.ଅ ଢାଲରୁ ପାଣି ଢାଳୁଥିଲେ ।

ଖନ୍ଦକ୍ ଯୁଦ୍ଧ ଅବସରରେ ହଜ଼ରତ ଅଲୀ ର.ଅଙ୍କ ବୀରତ୍ୱ ଗାଥା ବର୍ଣ୍ଣନା କରି ହଜ଼ରତ ମିର୍ଜା ବଶୀର ଅହେମଦ ସାହେବ୍ ଏମ.ଏ ର.ଅ ଉଲ୍ଲେଖ କରନ୍ତି ଯେ, ଉମ୍ରୋ ଜଣେ ବିଖ୍ୟାତ ଖଡ଼୍ଗ ଉତ୍ତୋଳନକାରୀ ଥିଲା ଏବଂ ନିଜର ସାହସିକତା ଯୋଗୁଁ ଏକୁଟିଆ ଏକ ହଜ଼ାର ସିପାହୀଙ୍କ ସଙ୍ଗେ ସମାନ ଥିଲା । ସେ ରଣ ଭୂମିରେ ଅବତୀର୍ଣ୍ଣ ହେବା କ୍ଷଣେ ଅହଙ୍କାରୀ ଭଙ୍ଗୀରେ ଲଢ଼ିବାକୁ ଇଚ୍ଛା ବ୍ୟକ୍ତ କଲା । ଆଁହଜ଼ରତ ସ.ଅଙ୍କ ଅନୁମତିକ୍ରମେ ହଜ଼ରତ ଅଲୀ ର.ଅ ତା' ବିପକ୍ଷରେ ଲଢ଼ିବା ପାଇଁ ବାହାରିଥିଲେ । ଆଁହଜ଼ରତ ସ.ଅ ନିଜର ଖଡ଼୍ଗ ହଜ଼ରତ ଅଲୀ ର.ଅଙ୍କୁ ପ୍ରଦାନ କରିଥିଲେ ଏବଂ ତାଙ୍କ ଲାଗି ଦୁଆ କରିଥିଲେ । ହଜ଼ରତ ଅଲୀ ର.ଅ ଆଗକୁ ବଢ଼ି ଉମ୍ରୋକୁ କହିଲେ ମୁଁ ଶୁଣିଛି ଯେ, ତୁମେ ଏହି ପ୍ରଣ ନେଇଛ କି ଯଦି କୁରେଶମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ତୁମକୁ ଦୁଇଟି କଥା ପାଇଁ ଅନୁରୋଧ କରିବ ତେବେ ତୁମେ ସେହି ଦୁଇଟି କଥା ମଧ୍ୟରୁ ଗୋଟିଏ କଥାକୁ ଅବଶ୍ୟ ଗ୍ରହଣ କରିନେବ । ଉମ୍ରୋ କହିଲା ହଁ । ହଜ଼ରତ ଅଲୀ ର.ଅ କହିଲେ ମୁଁ ତାହାହେଲେ ତୁମକୁ **ପ୍ରଥମ** କଥାଟି କହୁଛି ଯେ, ତୁମେ ମୁସଲମାନ ହୋଇଯାଅ ଯଦ୍ୱାରା ତୁମେ ଆଁହଜ଼ରତ ସ.ଅଙ୍କୁ ସ୍ୱୀକାର କରି ଅଲ୍ଲାଃତାଲାଙ୍କର ପୁରସ୍କାରର ଅଧିକାରୀ ହୋଇପାରିବ । ଉମ୍ରୋ କହିଲା ଏହା ସମ୍ଭବ ନୁହେଁ । ହଜ଼ରତ ଅଲୀ ର.ଅ କହିଲେ ଯଦି ଏହି କଥା ସ୍ୱୀକାର ନାହିଁ ତାହାହେଲେ ଆସ ମୋ ସହିତ ଲଢ଼ିବାକୁ ପ୍ରସ୍ତୁତ ହୋଇଯାଅ । ଏହାଶୁଣି ଉମ୍ରୋ ଅଟ୍ଟହାସ୍ୟ ପ୍ରକାଶ କଲା ଏବଂ କହିବାକୁ ଲାଗିଲା କି ମୁଁ ଭାବିପାରୁ ନାହିଁ ଯେ, ମୋତେ କେହି ହେଲେ ଏଭଳି କଥା କହିବାର ଦୁଃସାହସ କରିପାରିବ । ଏହାପରେ ସେ ମୋତେ କହିଲା କି ତୁମେ ବର୍ତ୍ତମାନ ଛୋଟ ବାଳକ ଅଟ । ମୁଁ ତୁମର ରକ୍ତପାତ କରିବାକୁ ଚାହୁଁ ନାହିଁ । ନିଜର ବୀର ଯୋଦ୍ଧାଙ୍କ ମଧ୍ୟରୁ କାହିରିକୁ ପଠାଅ । ହଜ଼ରତ ଅଲୀ ର.ଅ ପ୍ରତ୍ୟୁତ୍ତରରେ କହିଲେ, ତୁମେ ମୋର ରକ୍ତପାତ କରିବାକୁ ତ' ଚାହୁଁନ, କିନ୍ତୁ ମୁଁ ତୁମର ରକ୍ତପାତ କରିବାକୁ କଦାପି ସଂକୋଚ ପ୍ରକାଶ କରିବି ନାହିଁ । ଏହାଶୁଣି ଉମ୍ରୋ ଉତ୍ତେଜିତ ଓ ପ୍ରତିଶୋଧ ପରାୟଣ ହୋଇଯାଇ ନିଜ ଅଶ୍ୱରୁ ଲମ୍ଫ ପ୍ରଦାନ କଲା ଏବଂ ଅଗ୍ନିର ଜ୍ୱାଳା ପରି ପାଗଳ ହୋଇ ହଜ଼ରତ ଅଲୀ ର.ଅଙ୍କ ଆଡ଼କୁ ଅଗ୍ରସର ହେଲା ଏବଂ ଏତେ ଜୋରରେ ହଜ଼ରତ ଅଲୀ ର.ଅଙ୍କ ଉପରେ ଖଡ଼୍ଗ ଦ୍ୱାରା ପ୍ରହାର କଲା ଯଦ୍ୱାରା ଖଡ଼୍ଗ ତାଙ୍କର ଢାଲଟିକୁ ବିଦୀର୍ଣ୍ଣ କରି ତାଙ୍କର କପାଳକୁ କ୍ଷତାକ୍ତ କରିଥିଲା । କିନ୍ତୁ ଏଥିସହ ହଜ଼ରତ ଅଲୀ ର.ଅ ଅଲ୍ଲାଃହୁଅକ୍‌ବର୍‌ର ସ୍ଲୋଗାନ୍ ଦେଇ ଏଭଳି ଆକ୍ରମଣ କଲେ କି ଯଦ୍ୱାରା ସେ ନିଜକୁ ରକ୍ଷା କରିପାରି ନଥିଲା ଏବଂ ହଜ଼ରତ ଅଲୀ ର.ଅଙ୍କ ଖଡ଼୍ଗ ତାହାର କାନ୍ଧକୁ ଶରୀର ନିମ୍ନଭାଗ ପର୍ଯ୍ୟନ୍ତ କାଟି ଦେଇଥିଲା ଏବଂ ଉମ୍ରୋ ଛଟପଟ ହୋଇ ତଳେ ପଡ଼ିଗଲା ଏବଂ ସେହି ସ୍ଥଳେ ତାହାର ପ୍ରାଣ ବାୟୁ ଉଡ଼ି ଯାଇଥିଲା ।

ସୁଲାହ୍ ହୁଦେବିୟା ଅବସରରେ ହଜ଼ରତ ଅଲୀ ର.ଅଙ୍କୁ ସୁଲାହ୍‌ନାମା ଲେଖିବା ପାଇଁ ନିଯୁକ୍ତ କରାଯାଇଥିଲା। ହଜ଼ରତ ଅଲୀ ଉକ୍ତ ସୁଲାହ୍‌ନାମାରେ ଲେଖିଲେ ଯେ, ଏହି ଚୁକ୍ତିଟି ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଏବଂ ତାଙ୍କର ସାଥିମାନଙ୍କ ସହିତ ଓ ମକ୍କାବାସୀଙ୍କ ମଧ୍ୟରେ ଉଲ୍ଲେଖ କରାଯାଉଅଛି । ଏହା ଶୁଣି ଅବିଶ୍ୱାସକାରୀମାନେ ଉଦ୍‌ବେଗ ପ୍ରକାଶ କଲେ ଏବଂ ସେମାନେ କହିଲେ ଆମେମାନେ ଉଲ୍ଲିଖିତ ଶବ୍ଦଗୁଡ଼ିକୁ ସହ୍ୟ କରିପାରିବୁ ନାହିଁ । କାରଣ ଆମେ ମୁହମ୍ମଦ୍ ସ.ଅଙ୍କୁ ରସୁଲ୍ ବୋଲି ସ୍ୱୀକାର କରୁ ନାହୁଁ । ଯଦି ଆମେମାନେ ତାଙ୍କୁ ସ୍ୱୀକାର କରି ଥାଆନ୍ତୁ ତାହାହେଲେ ଯୁଦ୍ଧର ସୂତ୍ରାପାତ କାହିଁକି ହୋଇଥାଆନ୍ତା ! ରସୁଲ୍ କରୀମ୍ ସ.ଅ କହିଲେ ଏମାନେ ଠିକ୍ କହୁଛନ୍ତି । ଚୁକ୍ତି ମଧ୍ୟରୁ ମୁହମ୍ମଦ୍ ରସୁଲୁଲ୍ଲାଃର ଶବ୍ଦକୁ କାଟି ଦିଆଯାଉ । ଅତଏବ ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କୁ କହିଲେ କି ଉକ୍ତ ଶବ୍ଦକୁ କାଟି ଦିଅ । କିନ୍ତୁ ହଜ଼ରତ ଅଲୀ ଯିଏ ଆଜ୍ଞାନୁବର୍ତ୍ତିତା ଓ ଆଜ୍ଞାବହତାର ସର୍ବୋଚ୍ଚ ଉଦାହାରଣ ଥିଲେ, ତାଙ୍କର ହୃଦୟ ମଧ୍ୟ ପ୍ରକମ୍ପିତ ହେବାକୁ ଲାଗିଲା । ତାଙ୍କ ଆଖିରୁ ଲୁହ ଝରି ପଡ଼ିଲା ଏବଂ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଏହି ଶବ୍ଦଟିକୁ କାଟି ପାରିବି ନାହିଁ । ସୁତରାଂ ଆଁହଜ଼ରତ ସ.ଅ କହିଲେ ଆଣ ମୋତେ କାଗଜ ଦିଅ ! ରସୁଲୁଲ୍ଲାଃ ସ.ଅ କାଗଜରେ ଉଲ୍ଲିଖିତ ଥିବା ରସୁଲୁଲ୍ଲାଃ ଶବ୍ଦଟିକୁ ସ୍ୱହସ୍ତରୁ କାଟି ଦେଲେ ।

ଖୈବର୍ ଯୁଦ୍ଧ ଅବସରରେ ଖୈବର୍‌ର ଅଧିପତି ମୁର୍‌ହବ୍ ନିଜର ଖଡ୍‌ଗଟିକୁ ହଲାଇ ବାହାରକୁ ବାହାରିଲା ଏବଂ ସେ କହୁଥିଲା କି ଖୈବର୍ ଜାଣେ ଯେ, ମୁଁ ମୁର୍‌ହବ୍ ମୁଦ ଦିଆ ଅସ୍ତ୍ର, ବୀର ଓ ଅଭିଜ୍ଞ ଯୋଦ୍ଧା ଅଟେ । ସେତେବେଳେ ହଜ଼ରତ ଅଲୀ ର.ଅଙ୍କର ଚକ୍ଷୁରେ ଭୀଷଣ ଯନ୍ତ୍ରଣା ଥିଲା, ରସୁଲୁଲ୍ଲାଃ ସ.ଅ କହିଲେ ମୁଁ ସେହି ବ୍ୟକ୍ତିକୁ ଧ୍ୱଜା ପ୍ରଦାନ କରିବି ଯିଏ ଅଲ୍ଲାଃତାଲା ଓ ତାଙ୍କର ବାର୍ତ୍ତାବହକଙ୍କୁ ଭଲ ପାଉଥିବ କିମ୍ବା ଅଲ୍ଲାଃତାଲା ଓ ତାହାଙ୍କ ରସୁଲ୍ ଉକ୍ତ ବ୍ୟକ୍ତିକୁ ଭଲ ପାଉଥିବେ । ଅତଏବ ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କ ଚକ୍ଷୁରେ ନିଜର ପବିତ୍ର ଛେପ ଲଗାଇଲେ ଯଦ୍ୱାରା ତାଙ୍କର ଯନ୍ତ୍ରଣା ଦୂରୀଭୂତ ହୋଇଗଲା । ଆଁହଜ଼ରତ ସ.ଅ ତାଙ୍କୁ ନିଜର ଧ୍ୱଜା ଦେଇଥିଲେ । ମୁର୍‌ହବ୍ ବାହାରିଲା ଏବଂ ସେ କହିଲା କି ଖୈବର୍ ଜାଣେ ଯେ, ମୁଁ ମୁର୍‌ହବ୍ ମୁଦଦିଆ ଅସ୍ତ୍ର ସାହସୀ ଓ ଅଭିଜ୍ଞ ଯୋଦ୍ଧା ଅଟେ । ଅପର ପକ୍ଷରେ ଯୁଦ୍ଧ ଅଗ୍ନିର ଜ୍ୱାଳାକୁ ଉତ୍ତେଜିତ କରିଥାଏ । ହଜ଼ରତ ଅଲୀ ର.ଅ କହିଲେ କି ମୋ ମାଁ ମୋର ନାମ ହୈଦର୍ ରଖିଛନ୍ତି । ଯେପରି ଜଣେ ସିଂହ ହିଂସ୍ରମୁଖା ପରି ବଣରେ ରହିଥାଏ । ଅଲୀ ର.ଅ ମୁରହବ୍‌ର ମୁଣ୍ଡ ଉପରେ ପ୍ରହାର କଲେ ଏବଂ ତାହାକୁ ବଧ କରିଦେଲେ । ଅତଏବ ହଜ଼ରତ ଅଲୀ ର.ଅଙ୍କ ହସ୍ତତରେ ଖୈବର୍ ବିଜୟଲାଭ ହୋଇଥିଲା ।

ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି କି ଉକ୍ତ ଯୁଦ୍ଧରେ ହଜ଼ରତ ଅଲୀ ର.ଅଙ୍କ ଏକ ଉଦାହରଣ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଅଟେ । ହଜ଼ରତ ଅଲୀ ର.ଅଙ୍କର ଏକ ଇହୁଦୀ ଜେନେରାଲ୍ ସହିତ ଯୁଦ୍ଧ ହେଲା । ପରିଶେଷରେ ହଜ଼ରତ ଅଲୀ ର.ଅ ତାହାକୁ ତଳେ ଖସାଇଦେଲେ ଏବଂ ତାହାର ଛାତି ଉପରେ ଚଢି ବସିଗଲେ ଏବଂ ତାହାକୁ ବଧ କରିବାକୁ ଇଚ୍ଛା ପ୍ରକାଶ କଲେ । ଠିକ୍ ସେତିକି ବେଳେ ସେ ଆପଣଙ୍କ ମୁହଁ ଉପରକୁ ଛେପ ପକାଇଦେଲା । ଫଳତଃ ହଜ଼ରତ ଅଲୀ ର.ଅ ତାହାକୁ ଛାଡ଼ି ପୃଥକ ହୋଇଗଲେ । ଏହାଦେଖି ଉକ୍ତ ଇହୁଦୀ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଲା । ସେ ହଜ଼ରତ ଅଲୀ ର.ଅଙ୍କୁ ପଚାରିଲା ଯେ, ଆପଣ କାହିଁକି ପୃଥକ ହୋଇଗଲେ ? ହଜ଼ରତ ଅଲୀ ର.ଅ ଉତ୍ତର ଦେଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ତୁମ ସହିତ ଲଢୁଥିଲି । କିନ୍ତୁ ଯେତେବେଳେ ତୁମେ ମୋ ଉପରକୁ ଛେପ ପକେଇ ଦେଲେ ସେତେବେଳେ ମୁଁ କ୍ରୋଧିତ ହୋଇଗଲି ଏବଂ ମୁଁ ଏହା ଭାବିଲି କି ମୁଁ ଯଦି ବର୍ତ୍ତମାନ ତୁମକୁ ହତ୍ୟା କରିବି ତେବେ ତାହା ମୋର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହିଁ ହେବ, ନାକି ଅଲ୍ଲାଃତାଲାଙ୍କ ପାଇଁ ହେବ । ସୁତରାଂ ମୁଁ ତୁମକୁ ଛାଡ଼ି ଦେଲି ଯେପରି ମୋର କ୍ରୋଧଟି ପ୍ରଶମିତ ହୋଇଯାଉ ଏବଂ ମୋର ତୁମକୁ ହତ୍ୟା କରିବା ମୋର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନହେଉ । ଏହା କେତେ ମହତ୍ ଓ ଉତ୍ତମ ବିଚାର ।

ହୁନୈନ୍ ଯୁଦ୍ଧ ଯାହାକି ୮ ହିଜ୍‌ରୀରେ ଘଟିଥିଲା । ଏହି ଅବସରରେ ପ୍ରବାସକାରୀଙ୍କ ଧ୍ୱଜା ହଜ଼ରତ ଅଲୀ ର.ଅଙ୍କ ନିକଟରେ ଥିଲା । ହୁନୈନ୍ ଯୁଦ୍ଧ ସମୟରେ ଯେତେବେଳେ ଘମାଘୋଡ଼ ଯୁଦ୍ଧ ଚାଲିଲା ଏବଂ ଅବିଶ୍ୱାସକାରୀଙ୍କ ଭୀଷଣ ଆକ୍ରମଣ ଯୋଗୁଁ ଆଁହଜ଼ରତ ସ.ଅଙ୍କ ଆଖପାଖରେ କେବଳ କିଛି ସାହାବାମାନେ ହିଁ ରହି ଯାଇଥିଲେ । ସେତେବେଳେ ସେହି କେତେଜଣ ସାହାବାମାନଙ୍କ ମଧ୍ୟରେ ହଜ଼ରତ ଅଲୀ ର.ଅ ମଧ୍ୟ ଜଣେ ଥିଲେ ।

ରଜବ୍ ମାସ ୯ ହିଜରୀରେ ତବୁକ୍ ଯୁଦ୍ଧ ହୋଇଥିଲା । ଏ ସଂକ୍ରାନ୍ତରେ ଏକ ବର୍ଣ୍ଣନା ରହିଛି ଯେ, ରସୁଲୁଲ୍ଲାଃ ସ.ଅ ତବୁକ୍ ଯୁଦ୍ଧ ପାଇଁ ବାହାରିଲେ ଏବଂ ହଜ଼ରତ ଅଲୀ ର.ଅଙ୍କୁ ମଦିନାରେ ନିଜର ସ୍ଥାନାପନ୍ନ ରୂପେ ନିଯୁକ୍ତ କରିଥିଲେ । ହଜ଼ରତ ଅଲୀ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ମୋତେ ମହିଳା ଏବଂ ପିଲାମାନଙ୍କ ମଧ୍ୟରେ ପଛରେ ଛାଡ଼ି ଯାଉଛନ୍ତି କ'ଣ ? ଆଁହଜ଼ରତ ସ.ଅ କହିଲେ କ'ଣ ତୁମେ ପ୍ରସନ୍ନ ନାହଁ ଯେ, ତୁମର ମର୍ଯ୍ୟାଦା ମୋ ନିକଟରେ ଠିକ୍ ସେହିପରି ଅଟେ ଯେଉଁଭଳି ମର୍ଯ୍ୟାଦା ହାରୁନ୍ ଅ.ସଙ୍କର ମୁସା ଅ.ସଙ୍କ ନିକଟରେ ଥିଲା । କିନ୍ତୁ ମୋ ପରେ କୌଣସି ନବୀ ନାହାନ୍ତି ।

ଆଁହଜ଼ରତ ସ.ଅଙ୍କର ହଜ଼ରତ ଅଲୀ ର.ଅଙ୍କୁ ୟମନ୍ ଅଭିମୁଖେ ପ୍ରେରଣ କରିଥିଲେ । ହଜ଼ରତ ଅଲୀ ୟମନ୍‌ବାସୀଙ୍କୁ ଆଁହଜ଼ରତ ସ.ଅଙ୍କର ପତ୍ର ପଢି ଶୁଣାଇଲେ । ସମଗ୍ର ହମ୍‌ଦାନ୍‌ବାସୀ ଗୋଟିଏ ଦିନରେ ହିଁ ଇସ୍‌ଲାମ୍

ଧର୍ମ ଗ୍ରହଣ କରିଥିଲେ । ଏହାପରେ ୟମନ୍‌ବାସୀ ମଧ୍ୟ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲେ । ହଜ଼ରତ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମୋତେ ୟମନ୍ ଆଡ଼କୁ କ୍ୱାଜି ରୂପେ ନିଯୁକ୍ତ କରି ପ୍ରେରଣ କଲେ ଏବଂ ଆଁହଜ଼ରତ ସ.ଅ କହିଲେ ନିଃସନ୍ଦେହ ଅଲ୍ଲାଃତାଲା ତୁମର ହୃଦୟକୁ ନିଶ୍ଚିତ ମାର୍ଗଦର୍ଶନ କରିବେ ଏବଂ ତୁମର ତୁଣ୍ଡକୁ ଅବିଚଳତା ପ୍ରଦାନ କରିବେ । ସୁତରାଂ ଯେତେବେଳେ ତୁମ ଆଗରେ ଦୁଇଜଣ କଳହକାରୀ ବ୍ୟକ୍ତି ବସିବେ ସେତେବେଳେ ଯେପର୍ଯ୍ୟନ୍ତ ତୁମେ ଦୁଇ ପକ୍ଷଙ୍କର କଥାକୁ ନଶୁଣି ନେଇଛି ସେପର୍ଯ୍ୟନ୍ତ ତୁମେ କୌଣସି ନିଷ୍ପତ୍ତି ଦେବ ନାହିଁ । ଏପରି କରିବା ଦ୍ୱାରା ସେହି କଥାକୁ ଅଧିକ ଶ୍ରେୟସ୍କର ହେବ ଯେ, ତୁମ ପାଇଁ ନ୍ୟାୟ ସ୍ପଷ୍ଟ ହୋଇଯିବ । ହଜ଼ରତ ଅଲୀ ର.ଅ କହନ୍ତି ଯେ, ଏହାପରେ ମୋତେ ନ୍ୟାୟ ଦେବାରେ କୌଣସି ଅସୁବିଧା କିମ୍ବା ସଂଶୟର ଆବଶ୍ୟକତା ପଡ଼ି ନଥିଲା ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜ଼ରତ ସ.ଅ କହିଲେ ଯିଏ ଅଲୀଙ୍କୁ ପୀଡ଼ା ଦେଇଛି ସେ ମୋତେ ମଧ୍ୟ ପୀଡ଼ା ଦେଇଛି । ମୁଁ ଆଁହଜ଼ରତ ସ.ଅଙ୍କୁ ଏହା କହୁଥିବାର ଶୁଣିଲି କି ହେ ଲୋକମାନେ ! ତୁମେମାନେ ହଜ଼ରତ ଅଲୀ ର.ଅଙ୍କ ବିରୁଦ୍ଧରେ ଅଭିଯୋଗ କରନାହିଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଅଲ୍ଲାଃତାଲାଙ୍କ ସତ୍ତାଙ୍କ ବିଷୟରେ ସର୍ବାଧିକ ଭୟ କରନ୍ତି ।

ହୁଜ଼ୁର ଅନୱର୍ ଅ.ବ କହିଲେ : ଆଜି ମଧ୍ୟ ମୁଁ ଦୁଆ ଅଡ଼କୁ ଆପଣମାନଙ୍କର ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି । ଗତ ଜୁମାରେ ଅଲ୍ ଜଜ଼ାଏର୍ ସଂପର୍କରେ ଚର୍ଚ୍ଚା ହୋଇ ନଥିଲା । ସେଠାରେ ମଧ୍ୟ ଅହେମଦିମାନଙ୍କ ଉପରେ ବହୁତ ଅନ୍ୟାୟ ଓ ଅତ୍ୟାଚାର ହେଉଛି ଏବଂ ଏହିଭଳି ଜଟିଳ ପରିସ୍ଥିତି ରହିଛି ଏବଂ କେତେକ ଅହେମଦୀଙ୍କୁ ବନ୍ଦୀ ମଧ୍ୟ କରାଯାଇଛି । ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ ଯେପରି ଅଲ୍ଲାଃତାଲା ସେମାନଙ୍କ ପାଇଁ ସହଜତାମୂଳକ ପରିସ୍ଥିତି ସୃଷ୍ଟି କରନ୍ତୁ ଏବଂ ବନ୍ଦୀମାନଙ୍କୁ ମଧ୍ୟ ଯଥାଶୀଘ୍ର କାରାମୁକ୍ତ ହେବାର ମାଧ୍ୟମ ସୃଷ୍ଟି କରନ୍ତୁ । ଅଲ୍ଲାଃତାଲା ସରକାରକୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେ ନ୍ୟାୟକୁ ବିନିଯୋଗ କରି ଅହେମଦିମାନଙ୍କର ଅଧିକାର ସମ୍ପାଦନ କରୁ । ଏହିପରି ପାକିସ୍ତାନରେ ଯେଉଁ ପରିସ୍ଥିତି ରହିଛି ତାହା ମଧ୍ୟ ଦିନକୁ ଦିନ ଜଟିଳତା ଆଡ଼କୁ ଗତି କରୁଛି । ଅଲ୍ଲାଃତାଲା ଯଦି ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ ନକରନ୍ତି କିମ୍ବା ଏମାନଙ୍କ ଭାଗ୍ୟରେ ଏହି ହତଭାଗ୍ୟତା ଲେଖା ଅଛି ଏବଂ ଯଦି ଏମାନେ ଅହେମଦିମାନଙ୍କ ବିପକ୍ଷରେ ଏହିପରି ଆଚରଣ ଅବ୍ୟାହତ ରଖନ୍ତି ତାହାହେଲେ ସେମାନେ ଅଲ୍ଲାଃତାଲାଙ୍କ ଧର୍ମଦଣ୍ଡରେ ଅବଶ୍ୟ କବଳିତ ହେବେ । ତେଣୁ ଅଲ୍ଲାଃତାଲା ସେମାନଙ୍କୁ କବଳିତ କରିବାର ବ୍ୟବସ୍ଥା କରନ୍ତୁ ଏବଂ ଅହେମଦିମାନଙ୍କ ପାଇଁ ସହଜତା ସୃଷ୍ଟି କରନ୍ତୁ ।

ଖୁତ୍‌ବା ଜୁମାର ଶେଷରେ ହୁଜ଼ୁର ଅନୱର୍ ଅ.ବ ନମାଜ଼ ପରେ ସମ୍ମାନନୀୟ ସ୍ୱର୍ଗତ ରଶିଦ୍ ଅହେମଦ୍ ସାହେବ ଇବ୍‌ନ୍ ମୁହମ୍ମଦ୍ ଅବ୍‌ଦୁଲ୍ଲାଃ ରବ୍‌ୱାଙ୍କର ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ତାଙ୍କ ଆତ୍ମାର ସଦ୍‌ଗତି ଓ ତାଙ୍କ ପ୍ରତି ସଦୟ ହେବା ନିମନ୍ତେ ଦୁଆ କଲେ ତଥା ଅଲ୍ଲାଃତାଲା ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

.........................

**KHULASA KHUTBA JUMA HUZOOR ANWAR a.b.a**
**11st Dec 2020**